

୭ମ ବର୍ଷ ● ୭ମ ସଂଖ୍ୟା ● ମାର୍ଚ୍ଚ ୨୦୧୮

ଆମ ପର୍ବପର୍ବାଣି : ଦୋଳ ଓ ହୋଲି
ଆମ ମତ : ପରୀକ୍ଷାରେ କୃତକାର୍ଯ୍ୟ, ବିଦ୍ୟାର୍ଥୀଙ୍କର ପ୍ରଗତିର ମାନଦଣ୍ଡ କି ?
ଅଭିଭାବକଙ୍କ ପାଇଁ ପଦେ : ସ୍କୁଲ ପାଇଁ ପ୍ରସ୍ତୁତି
ବଜେଟ କଥା : କେନ୍ଦ୍ର ବଜେଟ୍
ଗପ : ଜିରୋ ପିରିୟଡ୍, ଶ୍ରୀରାମ ଓ ଗୁଣ୍ଡୁଚି ମୂଷା, ବୁଦ୍ଧିମତୀ ବୋହୂ, ...
କବିତା : ମାଟି, କାକୁଡ଼ି, କିଏ କେଉଁ ଜାମା ପିନ୍ଧେ, ସିଏ ମୋ ଅଜା, ...
ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ ।

**ଆମ ପର୍ବ ପର୍ବାଣି: ଦୋଳ ଓ ହୋଲି**
**ଲେଖକ : କେଦାର ପୃଷ୍ଟି**
ଦୋଳ ପର୍ବ ଓ ହୋଲିରେ ଆମେ କିପରି ରଙ୍ଗ ଖେଳିବା ଆବଶ୍ୟକ, ସେ ସମ୍ପର୍କରେ କିଛି ତଥ୍ୟ ରହିଛି ଏହି ଲେଖାରେ ।

**ଅଭିଭାବକଙ୍କ ପାଇଁ ପଦେ: ସ୍କୁଲ ପାଇଁ ପ୍ରସ୍ତୁତି**
**ଲେଖକ : ଅମ୍ରିତା ମହାନ୍ତି**
ଏବେ ସାନସାନ ପିଲାମାନେ ନୂଆକରି ସ୍କୁଲ ଯିବେ । ସେମାନଙ୍କୁ କିପରି ପ୍ରସ୍ତୁତ କରିବେ ସେ ବିଷୟରେ ଏହି ଲେଖାଟି ।

**ଆମ ମତ:**
ତଳ ଶ୍ରେଣୀରୁ ଉପର ଶ୍ରେଣୀକୁ ଯିବାପାଇଁ ପିଲାମାନେ ବାର୍ଷିକ ପରୀକ୍ଷା ଦେଇଥାନ୍ତି । ତେବେ ଏହି ପରୀକ୍ଷା ପିଲାମାନଙ୍କ ପାଇଁ ପ୍ରଗତିର ମାନଦଣ୍ଡ କି ? ସେ ସମ୍ପର୍କରେ ମତ ରଖିଛନ୍ତି କୁନାକୁନିମାନେ ।

**ବଜେଟ କଥା: କେନ୍ଦ୍ର ବଜେଟ**
**ଲେଖକ : କେଦାର ପୃଷ୍ଟି**
ନିକଟରେ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ସମ୍ପର୍କରେ ତଥ୍ୟ ରଖିଛନ୍ତି ଲେଖକ ।

**ଗପ: ଜିରୋ ପିରିୟଡ**
**ଲେଖକ: ଦାଶ ବେନହୁର**
ଜିରୋ ପିରିୟଡ କ'ଣ, ଏହା କିପରି ପିଲାମାନଙ୍କ ପାଇଁ ମେଶ୍ ଉପଯୋଗୀ, ସେ କଥାକୁ ଗପରେ ରୂପାୟିତ କରିଛନ୍ତି ଲେଖକ ।

**ଗପ: ଶ୍ରୀରାମ ଓ ଗୁଣ୍ଡୁଚି ମୂଷା**
**ଲେଖକ: ଶ୍ରୀରାମଚନ୍ଦ୍ର ଦାଶ**
ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଙ୍ଗୁଳିର ଚିହ୍ନ କିପରି ଗୁଣ୍ଡୁଚି ପିଠିରେ ଆଙ୍କି ହୋଇଗଲା, ସେହି କଥାକୁ ନେଇ ଏଇ ଗପଟି ରଚିତ ।

**ଗପ: ଛୋଟ ପିଲାର ବଡ ମନ**
**ଲେଖିକା: ଜୋସ୍ନା ବାରିକ**
ପିଲାଟି ଛୋଟ ହେଲେ ବି ଖୁବ୍ ବଡ ମନ ନେଇ, କାମଟିଏ କରିପାରିଛି । ତାହାହିଁ ଏହି ଲେଖାର ବିଶେଷତ୍ୱ ।

**ଗପ: ବୁଦ୍ଧିମତୀ ବୋହୂ**
**ଲେଖକ: ଗୀତାଞ୍ଜଳି ସ୍ୱାଇଁ**
ଦୁଇବୋହୂ ବୁଦ୍ଧିମତୀ ବୋଲି ନିଜ ଶାଶୁଙ୍କର କଥାକୁ ରଖି ପାରିଲେ । ସେହି ବିଷୟ ଗପଟିରେ ପ୍ରତିଫଳିତ ହୋଇଛି ।

**ଗପ: ଜଳକନ୍ୟା ଓ କାଠୁରିଆ ଯୁବକ**
**ଲେଖକ: କାଳିକିଙ୍କର**
କାଠୁରିଆର ପୁଅ ନିଜ ବୁଦ୍ଧିବଳରେ କିପରି ଜଳକନ୍ୟାକୁ ବିବାହ କରି ପାରିଲା, ସେ ବିଷୟରେ ଏକ ମଜାଦାର କାହାଣୀ ।

**ଗପ: ସାଧୁ ଓ ଅହଙ୍କାର**
**ଲେଖକ: ସୁବାସ ପାଣି**
ସାଧୁ ନିଜର ଅହଙ୍କାର ଯୋଗୁଁ, ନିଜକୁ ବଡ ଭାବିଥିଲେ। ମାତ୍ର ସେ ସବୁକଥା ବୁଝି ପୁଣି ଅନୁତାପ କରିଛନ୍ତି, ସେ ବିଷୟରେ ଏକ ଗପ।

**କବିତା: ମାଟି**
**ଲେଖକ: କୃତ୍ତିବାସ ନାୟକ**
ମାଟି ସମ୍ପର୍କରେ ଏହି କବିତାଟି ରଚିତ।

**କବିତା: କାକୁଡି**
**ଲେଖକ: ଶମ୍ଭୁନାଥ ଦାସ**
କାକୁଡି କିପରି ଏକ ଭଲ ଫଳ, ସେ କଥା ଏହି କବିତାରେ ଦର୍ଶାଇ ଦିଆଯାଇଛି।

**କବିତା: କିଏ କେଉଁ ଜାମା ପିନ୍ଧେ**
**ଲେଖକ: ପ୍ରଦୀପ କୁମାର ମିଶ୍ର**
ବିଭିନ୍ନ ପକ୍ଷୀ କିପରି ବିଭିନ୍ନ ରଙ୍ଗ ବେରଙ୍ଗ ହୋଇ, ନିଜ ନିଜର ପୋଷାକ ପିନ୍ଧିଛନ୍ତି, ତାହାହିଁ ଏହି ଲେଖାରେ କୁହାଯାଇଛି।

**କବିତା: ସିଏ ମୋ ଅଜା**
**ଲେଖକ: ଗୋବିନ୍ଦ ଚନ୍ଦ୍ର ମହାରଣା**
ଅଜାଙ୍କ ବିଷୟରେ କିଛି ମଜା କଥା ଏହି କବିତାରେ ବର୍ଣ୍ଣନା କରାଯାଇଛି।

**କବିତା: ଛତୁ**
**ଆମ କୁନାକୁନି ଲେଖିକା: ଶତରୂପା ମିଶ୍ର**
ଛତୁକୁ ନେଇ କବିତାଟିଏ ଲେଖିଛନ୍ତି ଆମ କୁନି ଲେଖିକା।

**ଇତିହାସ କଥା: ମହାନାୟକ ମଙ୍ଗଳ ପାଣ୍ଡେ**
**ଲେଖକ: ସୁଧାଂଶୁ ଦ୍ୱିବେଦୀ**
ବିପ୍ଳବୀ ମଙ୍ଗଳ ପାଣ୍ଡେଙ୍କ ଜୀବନୀ ସମ୍ପର୍କରେ ଏହି ଲେଖାଟି ରଚିତ।

**କେମିଷ୍ଟ୍ରି କାହାଣୀ: ସୂର୍ଯ୍ୟ ଜଣେ ବିଚକ୍ଷଣ କେମିଷ୍ଟ୍**
**ଲେଖକ: ନିତ୍ୟାନନ୍ଦ ପଣ୍ଡା**
ସୂର୍ଯ୍ୟ ହିଁ ସକଳ ଶକ୍ତିର ଆଧାର, ତାହାହିଁ ଉକ୍ତ ଲେଖାରେ ବର୍ଣ୍ଣିତ ହୋଇଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ରାଜ୍ୟରେ ଚାଲିଛି ବାଘ ଗଣନା, ଓଡ଼ିଶାର ଶିବଲିଙ୍ଗ; ଏସିଆରେ ସର୍ବୋଚ୍ଚ, ଜଗା-ବଳିଆଙ୍କ ପାଇଁ ସ୍ୱତନ୍ତ୍ର ହେଲମେଟ।

**ତୁମ ପାଇଁ ଖବର**
ବେଶୀ ଖାଇଲେ; ସ୍ମୃତି-ଶକ୍ତି କମେ, ମହାଶୂନ୍ୟରେ 'ଜାନିଟର୍' କରିବ ଆବର୍ଜନା ସଫା, ମଣିଷ ଆଣ୍ଟାର୍କଟିକାରେ ସୃଷ୍ଟି କରୁଛି ବିପଦ, ଲକ୍ଷ୍ନୌ ସହରର 'ରୁଟି ବଜାର', ଗୁଳି ଓ ଗ୍ରେନେଡ଼କୁ ପ୍ରତିରୋଧ କରିବ ସ୍ୱତନ୍ତ୍ର ପୋଷାକ, ଭାରତୀୟମାନେ ଦିନକୁ ୩ ଘଣ୍ଟା ବିତାନ୍ତି 'ଆପ୍'ରେ।

**ଖେଳ ଖବର**
ଭାରତୀୟ ହକି ଦଳର ପ୍ରାୟୋଜକ ହେଲା ଓଡ଼ିଶା, ୫-୧ରେ ଶୃଙ୍ଖଳା ଜିତିଲା ଭାରତ, ଆଇ.ପି.ଏଲ୍.ର ୧୧ଶ ସଂସ୍କରଣ।

**ଚଳଚ୍ଚିତ୍ର ଖବର**

'କିସ୍'ର ସ୍ମୃତିରେ ବଦାନ୍ୟ ଶ୍ରୀଦେବୀ, 'ଯୋଉଠି ଥିଲେ ବି ତୁ ମୋର', ଆଖିର ଅଭିନୟରେ ଖ୍ୟାତ ହେଲେ ଅଭିନେତ୍ରୀ।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୪୮', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■